// 

# ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ : ଲକ୍ଷ୍ମୀପୁର

ଟେଲିଫୋନ୍ ନଂ.୦୬୮୫୫-୨୬୮୮୬୬, ଇଲେକ୍ଟ୍ରୋନିକ୍ ବାର୍ତ୍ତା ଠିକଣା: tah.laxmipur@nic.in

## ଅଧିସୂଚନା

ସଂଖ୍ୟା : 2250 /୨୦୨୧, LA-III, 29/2021 ତାରିଖ: 09/09/୨୦୨୧

ଯେହେତୁ ଓଡିଶା ସରକାରଙ୍କ ପ୍ରତିତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କୋରାପୁଟ ଜିଲ୍ଲାର କୋରାପୁଟ ଠାରୁ ସିଙ୍ଗାପୁର ପୂର୍ବତଟ ରେଳପଥ ଦୋହରିକରଣ (ଓସାରିଆ) ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ନିସାର, ଥାନା- ଲକ୍ଷ୍ମୀପୁର, ତହସିଲ- ଲକ୍ଷ୍ମୀପୁର, ଜିଲ୍ଲା- କୋରାପୁଟରେ ନିମ୍ନ ତଫଦିଲ ମତେ **ଏ.୦.୫୪୬ କର** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ବାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୁଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତାଧିକାରୀ/ ଜମି ମାଲିକ ଭୂମିଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୫ ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୁଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟ ଠାରୁ ସିଙ୍ଗାପୁର ପୂର୍ବତଟ ରେଳପଥ ଦୋହରିକରଣ (ଓସାରିଆ) ନିର୍ମାଣ

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ – ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳ ରାସ୍ତା, ରାୟଗଡା ।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଯାତାୟତର ଓ ପରିବହନ ସୁବିଧା ପାଇବା ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୫୩୮୦/R&DM ତା: ୧୫.୦୨.୨୦୧୯ ରିଖ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାର ଅନୁମୋଦନ ହୋଇଅଛି ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଜିଲ୍ଲାପାଳ, କୋରାପୁଟ

୬. ଜମିର ବିବରଣୀ: -

| କ୍ରମିକ ସଂ. | ଜିଲ୍ଲା | ତହସିଲ୍ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲୋଟ ନଂ. | କିସମ | ମୋଟ ରକବା (ଏକରରେ) | ଭୂ-ଅର୍ଜନ ହେବାକୁଥିବା ରକବା (ଏକରରେ) | ରୟତର ନ |
|---|---|---|---|---|---|---|---|---|---|---|
| ୧. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୦୧ | ୪୫ | ଡଙ୍ଗର-୩ | ୦.୮୫୦ | ୦.୦୧୨ | ହିକକା ଆସୁ ହିକକା ମୂର୍ତ୍ତି |
| ୨. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୧୨ | ୫୦ | ଡଙ୍ଗର-୩ | ୦.୧୪୦ | ୦.୦୭୫ | ଜାମ୍ବେକା ଜା ଜାନି, ଜମ୍ବେକ ସନ୍ଧ, ଜାମ୍ବେକ କାଙ୍କୁ, ଜାମ୍ବେ ବାଙ୍ଗରୁ ପି- ଜାମ୍ବେକା ଦ ଜାନି |
| ୩. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୧୬ | ୪୬ | ଡଙ୍ଗର-୩ | ୦.୯୦୦ | ୦.୦୨୭ | ମିଣିଆକା ଡୁ ପି- ମିଣିଆକ କର୍ଣ୍ଣ |
| ୪. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୨୧ | ୪୯ | ଡଙ୍ଗର-୩ | ୧.୮୦୦ | ୦.୦୨୪ | ହିକକା ଭାଲୁ ହିକକା ମାଜା |
| ୫. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୨୩ | ୫୧ | ଡଙ୍ଗର-୩ | ୧.୧୯୦ | ୦.୨୨୬ | ହିକକା ମନ ହିକକା ଗୁଞ୍ଜ |
| ୬. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୨୬ | ୫୨ | ଡଙ୍ଗର-୩ | ୦.୮୯୦ | ୦.୧୨୪ | ହିକକା ରାମି ପି- ହିକକା |
| ୭. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୩୦/୨୨ | ୪୭ | ଡଙ୍ଗର-୩ | ୦.୯୮୦ | ୦.୦୫୯ | ଜମ୍ବେକା ରି ମାଲକା ଜିର |
| ମୋଟ | | | | | | | | ୮.୭୫୦ | ୦.୫୪୭ | |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଲକ୍ଷ୍ମୀପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ନେଣ ଦେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, କୋରାପୁଟଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

## ଭୂମି ଅନୁସୂଚୀ

ଜମିର ତାଲିକା

କୋରାପୁଟ ଠାରୁ ସିଙ୍ଗାପୁର ପୂର୍ବତଟ ରେଳପଥ ଦୋହରିକରଣ (ଓସାରି କରଣ) ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ ।

ମୌଜା- ନିସାର, ଥାନା- ଲକ୍ଷ୍ମୀପୁର, ତହସିଲ- ଲକ୍ଷ୍ମୀପୁର, ଜିଲ୍ଲା- କୋରାପୁଟ

ବ୍ୟକ୍ତିଗତ ଜମି- ଉପରେ ଦର୍ଶାଇ ଦିଆଗଲା ।

ରାଜ୍ୟପାଳଙ୍କ ଆଦେଶକ୍ରମେ